[illegible] 2012

**G-DTN-M-PSJB**

# ORIYA

## Paper II

### (Literature)

| *Time Allowed : Three Hours* | *Maximum Marks : 300* |
| --- | --- |

## INSTRUCTIONS

*Candidates should attempt Question Nos. **1** and **5** which are compulsory, and any **three** of the remaining questions, selecting at least **one** question from each Section.*

*The number of marks carried by each question is indicated at the end of the question.*

*Answers must be written in **Oriya**.*

***Important : Whenever a Question is being attempted, all its parts/sub-parts must be attempted contiguously. This means that before moving on to the next Question to be attempted, candidates must finish attempting all parts/sub-parts of the previous Question attempted. This is to be strictly followed.***

*Pages left blank in the answer-book are to be clearly struck out in ink. Any answers that follow pages left blank may not be given credit.*

(Contd.)

## Section 'A'

1. ନିମ୍ନ ପ୍ରଦତ୍ତ ବିଷୟରେ ସଂକ୍ଷିପ୍ତ ଆଲୋଚନା କର । (ପ୍ରତ୍ୟେକ ଆଲୋଚନା 150 ଶବ୍ଦ ମଧ୍ୟରେ ଲେଖିବାକୁ ହେବ ।) 12×5=60

   (କ) ସମାଜରେ ଶାନ୍ତି ଓ ଶୁଦ୍ଧପୂତ ଆଚରଣର ବାର୍ତ୍ତା ପ୍ରସାରରେ ସାରଳା ମହାଭାରତ କେତେଦୂର ସଫଳ, 'ଶାନ୍ତିପର୍ବ'ର ପଠିତାଂଶକୁ ଆଧାର କରି ଆଲୋଚନା କର ।

   (ଖ) ନୈତିକତାର ଉତ୍ତରଣରେ ଭାଗବତର 'ଯଦୁ ଅବଧୂତ ସମ୍ବାଦ'ର ପ୍ରାସଙ୍ଗିକତା ବିଚାର କର ।

   (ଗ) 'ରସକଲ୍ଲୋଳ' କାବ୍ୟର ପଠିତାଂଶ ଆଧାରରେ ଉନ୍ନତ କବି, ରୁଚିପୂର୍ଣ୍ଣ କବିତା ଓ ଆଦର୍ଶ କବିତ୍ୱର ସ୍ୱରୂପ ଆକଳନ କର ।

   (ଘ) ରାଧାନାଥ ରାୟଙ୍କ 'ଚନ୍ଦ୍ରଭାଗା' କାବ୍ୟ ଅବଲମ୍ବନରେ କବିଙ୍କ ସୌନ୍ଦର୍ଯ୍ୟ ଦର୍ଶନର ପରିଚୟ ଦିଅ ।

   (ଙ) ଆଧୁନିକ ଜୀବନର ଅସହାୟତା କିପରି ଆଧୁନିକ କବିତାରେ ପ୍ରତିଫଳିତ ସଚ୍ଚି ରାଉତରାୟଙ୍କ 'କବିତା – ୧୯୬୨'କୁ ଭିତ୍ତି କରି ଆଲୋଚନା କର ।

2. ନିମ୍ନ ପ୍ରଦତ୍ତ ବିଷୟରେ 400 ଶବ୍ଦ ମଧ୍ୟରେ ଆଲୋଚନା କର । 30×2=60

   (କ) ''ସାରଳା ମହାଭାରତ ସେକାଳର ରାଜଧର୍ମର ଏକ ପ୍ରତିବାଦ'' — ପଠିତାଂଶକୁ ଭିତ୍ତି କରି ଏହି ଉକ୍ତିର ଉପାଦେୟତା ବିଚାର କର ।

   (ଖ) ଭାଗବତର 'ଯଦୁ ଅବଧୂତ ସମ୍ବାଦ'ରୁ ଅବଧୂତଙ୍କ ଜୀବନଦୃଷ୍ଟିର ପରିଚୟ ଦିଅ ।

3. ନିମ୍ନ ପ୍ରଦତ୍ତ ବିଷୟରେ 400 ଶବ୍ଦ ମଧ୍ୟରେ ଆଲୋଚନା କର । 30×2=60

   (କ) 'ରସକଲ୍ଲୋଳ' କାବ୍ୟର ପଠିତାଂଶକୁ ଅବଲମ୍ବନ କରି କବିଙ୍କ ଜୀବନଦୃଷ୍ଟିର ସ୍ୱରୂପ ଆକଳନ କର ।

(ଖ) ପଠିତାଂଶଭିତ୍ତିରେ ଲାବଣ୍ୟବତୀର ପୂର୍ବ ଜନ୍ମ ବୃତ୍ତାନ୍ତର ସ୍ୱରୂପ ବିଶ୍ଳେଷଣ କର ।

4. ନିମ୍ନ ପ୍ରଦତ୍ତ ପ୍ରତ୍ୟେକ ବିଷୟରେ 400 ଶବ୍ଦ ମଧ୍ୟରେ ଆଲୋଚନା କର । 30×2=60

(କ) 'ଜୀବନ ଚିତା' ଗ୍ରନ୍ଥ ଆଧାରରେ କବି ମାୟାଧର ମାନସିଂହଙ୍କ ସୌନ୍ଦର୍ଯ୍ୟବୋଧର ପରିଚୟ ପ୍ରଦାନ କର ।

(ଖ) ''ନିଃସଙ୍ଗ ଜୀବନବୋଧ ଓ ମୃତ୍ୟୁ ଚିନ୍ତା କବି ରମାକାନ୍ତ ରଥଙ୍କ କବିତାକୁ କବଳିତ କରିଛି'' — ଏଇ ମନ୍ତବ୍ୟର ସତ୍ୟତା 'ସପ୍ତମ ଋତୁ' ଗ୍ରନ୍ଥ ଅନୁସରଣରେ ଅନୁଶୀଳନ କର ।

## Section 'B'

5. ନିମ୍ନ ପ୍ରଦତ୍ତ ବିଷୟରେ ସଂକ୍ଷିପ୍ତ ଆଲୋଚନା କର । (ପ୍ରତ୍ୟେକ ଆଲୋଚନା 150 ଶବ୍ଦ ମଧ୍ୟରେ ଲେଖିବାକୁ ହେବ ।) 12×5=60

(କ) ମଞ୍ଚ ସହିତ ଦର୍ଶକର ସମନ୍ୱୟ ସ୍ଥାପନରେ ମନୋରଂଜନ ଦାସଙ୍କ 'କାଠଘୋଡ଼ା' ନାଟକର ସ୍ୱାତନ୍ତ୍ର୍ୟ ଅନୁଶୀଳନ କର ।

(ଖ) ଯେନ ତେନ ପ୍ରକାରେଣ ସରକାରୀ ବୃତ୍ତିରେ ଉପରକୁ ଉଠିବାର ବିକଳ ବାସନା କିପରି 'ଦାନାପାଣି' ଉପନ୍ୟାସରେ ପ୍ରତିଫଳିତ ହୋଇଛି ଆଲୋଚନା କର ।

(ଗ) ଶିଶୁ ମନସ୍ତତ୍ତ୍ୱ ଅନୁଧ୍ୟାନ କରିବାରେ କଥାକାର ମନୋଜ ଦାସଙ୍କ କୃତିତ୍ୱ 'ଲକ୍ଷ୍ମୀର ଅଭିସାର' ଗ୍ରନ୍ଥ ଅବଲମ୍ବନରେ ବିଚାର କର ।

(ଘ) ''ସୁରେନ୍ଦ୍ର ମହାନ୍ତି ତାଙ୍କ ଗଳ୍ପରେ ଜୀବନର ଆବେଗଗତ, ଆଧ୍ୟାତ୍ମିକ ଓ ନିଃସଙ୍ଗ ଜୀବନବୋଧଜନିତ ସମସ୍ୟାକୁ ଅନେକତ୍ର ପ୍ରକାଶ କରିଛନ୍ତି'' — ଏ ମନ୍ତବ୍ୟର ସାର୍ଥକତା 'ମରାଳର ମୃତ୍ୟୁ' ଗଳ୍ପଗ୍ରନ୍ଥର ଗଳ୍ପଗୁଡ଼ିକୁ ଭିତ୍ତି କରି ବିଶ୍ଳେଷଣ କର ।

(ଙ) ''ଦାର୍ଶନିକତା ଓ ଭାରତୀୟ ସଂସ୍କୃତି ପ୍ରତି ଶ୍ରଦ୍ଧା ହେଉଛି ଚନ୍ଦ୍ରଶେଖର ରଥଙ୍କ ପ୍ରବନ୍ଧର ବିଶେଷ ଆକର୍ଷଣ'' — 'ମୁଁ ସତ୍ୟଧର୍ମା କହୁଛି' ଗ୍ରନ୍ଥ ଅନୁସରଣରେ ଏହାର ସତ୍ୟତା ପ୍ରତିପାଦନ କର ।

**6.** ନିମ୍ନ ପ୍ରଦତ୍ତ ପ୍ରତ୍ୟେକ ବିଷୟରେ 400 ଶବ୍ଦ ମଧ୍ୟରେ ଆଲୋଚନା କର । 30×2=60

(କ) 'କାଠଘୋଡ଼ା' ନାଟକର ମଞ୍ଚୋପଯୋଗିତା ବିଚାର କର ।

(ଖ) ବୌଦ୍ଧଯୁଗର କାହାଣୀକୁ ନୂତନ ରୂପରେଖ ଦେବାରେ ନାଟ୍ୟକାର ବିଜୟ ମିଶ୍ରଙ୍କ କୃତିତ୍ୱ ଅନୁଶୀଳନ କର ।

**7.** ନିମ୍ନ ପ୍ରଦତ୍ତ ବିଷୟରେ 400 ଶବ୍ଦ ମଧ୍ୟରେ ଆଲୋଚନା କର । 30×2=60

(କ) ଖଳ ଚରିତ୍ର ଚିତ୍ରଣରେ ଫକୀରମୋହନଙ୍କ କୃତିତ୍ୱ 'ଛମାଣ ଆଠଗୁଣ୍ଠ' ଅବଲମ୍ବନରେ ଆଲୋଚନା କର ।

(ଖ) ଭଲଭାବରେ ବଞ୍ଚିବା ପାଇଁ ଆଦର୍ଶ ଓ ନୈତିକତା ଯେ ଜୀବନରେ ମୂଲ୍ୟହୀନ, ଏହାର ସତ୍ୟତା 'ଦାନାପାଣି' ଉପନ୍ୟାସକୁ ଭିତ୍ତି କରି ବିଶ୍ଳେଷଣ କର ।

**8.** ନିମ୍ନ ପ୍ରଦତ୍ତ ବିଷୟରେ 400 ଶବ୍ଦ ମଧ୍ୟରେ ଆଲୋଚନା କର । 30×2=60

(କ) ଚିତ୍ତରଞ୍ଜନ ଦାସଙ୍କ 'ତରଙ୍ଗ ତଡ଼ିତ୍'ର ପ୍ରବନ୍ଧଗୁଡ଼ିକୁ ଅନୁସରଣ କରି ମଣିଷପଣିଆର ସ୍ୱରୂପ ଆକଳନ କର ।

(ଖ) ମନୋଜ ଦାସଙ୍କ 'ଲକ୍ଷ୍ମୀର ଅଭିସାର' ଗଳ୍ପଗ୍ରନ୍ଥର ପଠିତାଂଶକୁ ଅବଲମ୍ବନ କରି ଗାଳ୍ପିକଙ୍କ ଶିଳ୍ପକଳାର ପରିଚୟ ପ୍ରଦାନ କର ।

---